# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**14 May - 2026**

**********************************

## ମୁଖ୍ୟ ସମ୍ବାଦ

- ବିପର୍ଯ୍ୟୟ ପରିସ୍ଥିତିରେ ଏନଡିଆରଏଫ୍ କର୍ମଚାରୀ ଅଦମ୍ୟ ସାହସ ଏବଂ ସମର୍ପଣ ସହ କାର୍ଯ୍ୟ କରି ଉତ୍କର୍ଷ ପ୍ରତିପାଦନ କରିଛି; କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନେଇ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବ ଗୁରୁତ୍ୱପୂର୍ଣ୍ଣ ବୈଠକ

— ଭୁବନେଶ୍ୱରରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

- ଜୁଲାଇ ପହିଲାରୁ ଓଡ଼ିଶାରେ ଆରମ୍ଭ ହେବ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର

ଏବଂ

- ବଙ୍ଗୋପସାଗରରେ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ସୃଷ୍ଟି; ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ଶାହା-ଏନ୍‌ଡିଆରଏଫ୍

ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ-ଏନ୍‌ଡିଆର୍‌ଏଫ୍ ୧୪୦ କୋଟି ଭାରତୀୟଙ୍କ ବିଶ୍ୱାସଭାଜନ ହୋଇପାରିଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ଉତ୍ତରପ୍ରଦେଶର ଗାଜିଆବାଦଠାରେ ଏନ୍‌ଡିଆରଏଫ୍‌କୁ ରାଷ୍ଟ୍ରପତିଙ୍କ ଧ୍ୱଜା ପୁରସ୍କାର ସମାରୋହକୁ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି ବିପର୍ଯ୍ୟୟ ପରିସ୍ଥିତିରେ ଏନଡିଆରଏଫ୍ କର୍ମଚାରୀ ଅଦମ୍ୟ ସାହସ ଏବଂ ସମର୍ପଣ ଭାବ ସହ କାର୍ଯ୍ୟ କରି ଉତ୍କର୍ଷ ପ୍ରତିପାଦନ କରିଛନ୍ତି । ସେମାନଙ୍କର ଉପସ୍ଥିତି ପ୍ରଭାବିତ ଲୋକଙ୍କ ମନରେ ଆଶ୍ୱସ୍ତି ଭରିଦେଇଥାଏ। ରାଷ୍ଟ୍ରପତିଙ୍କ ଧ୍ୱଜା ସମ୍ମାନ ପାଇବା ଅତ୍ୟନ୍ତ ଗର୍ବର ବିଷୟ। ଏହି ସମ୍ମାନ ପ୍ରଦାନ ମାଧ୍ୟମରେ ରାଷ୍ଟ୍ରପତି ଏନଡିଆରଏଫ୍, ଏସ୍‌ଡିଆରଏଫ୍ ଏବଂ ବିଭିନ୍ନ ସ୍ତରରେ ସେବାପ୍ରଦାନକାରୀ ଆପଦ ମିତ୍ରଙ୍କ ବିପର୍ଯ୍ୟୟ ସହାୟତାକୁ ଶ୍ରୀ ଶାହା ପ୍ରଶଂସା କରିଛନ୍ତି ।

**V/O (Saha)**

ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ଏନଡିଆରଏଫ୍ ନିଜର ୮ ହଜାର ୫୦୦ରୁ ଅଧିକ କର୍ମଚାରୀ, ୧୦ ହଜାରରୁ ନାଗରିକ ସେବାପ୍ରଦାନକାରୀ ସୁରକ୍ଷା କର୍ମଚାରୀ ଏବଂ ୨ ଲକ୍ଷ ୨୦ ହଜାରରୁ ଅଧିକ ସ୍ୱେଚ୍ଛାସେବକଙ୍କୁ ତାଲିମ ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିପର୍ଯ୍ୟୟ ସ୍ଥିର ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ହୋଇଛି ବୋଲି ଶ୍ରୀ ଶାହା କହିଛନ୍ତି ।

## ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନେଇ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ସମସ୍ତ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଆଭାସୀ ଜରିଆରେ ବୈଠକରେ ସାମିଲ ହେବେ। ସପ୍ତାହକ ମଧ୍ୟରେ ରାଜ୍ୟର ଆଇନ୍‌ଶୃଙ୍ଖଳା ପରିସ୍ଥିତି ସମ୍ପର୍କିତ ଏହା ଦ୍ୱିତୀୟ ସମୀକ୍ଷା ବୈଠକ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟା ପ୍ରମୁଖ ଉପସ୍ଥିତ ରହିବେ।

## ଅନୁ ଗର୍ଗ

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜସ୍ୱ ସଂଗ୍ରହ ଖର୍ଚ୍ଚ ସମୀକ୍ଷା ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଦେଶବ୍ୟାପୀ ସମାଧାନ ସମାରୋହ ଅଦାଲତ ମାଧ୍ୟମରେ ବିଚାରାଧୀନ ମାମଲାଗୁଡ଼ିକର ଆପୋଷ ସମାଧାନ ପାଇଁ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଇନ ବିଭାଗର ସଚିବ ସମସ୍ତଙ୍କୁ ଅବଗତ କରାଇଥିଲେ। କୋରାପୁଟ ଜିଲ୍ଲାପାଳ ଜିଲ୍ଲାର ଉନ୍ନୟନ ସମ୍ପର୍କିତ ପ୍ରାୟ ୨୫ଟି ପ୍ରକଳ୍ପକୁ ବୈଠକରେ ଉପସ୍ଥାପନ କରିଥିଲେ। ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ସମ୍ପୃକ୍ତ ବିଭାଗର ସଚିବମାନେ ଆଲୋଚନା କରିଥଇବା ଶ୍ରୀମତୀ ଗର୍ଗ କହିଛନ୍ତି।

## ବୈଠକ-ମୁଖ୍ୟମନ୍ତ୍ରୀ

ରାଜ୍ୟରେ ବିଜେପି ସରକାରକୁ ଆସନ୍ତା ମାସ ୧୨ ତାରିଖରେ ଦୁଇବର୍ଷ ପୂରଣ ହେଉଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦୁଇବର୍ଷର ସରକାରଙ୍କ ବିଭିନ୍ନ ସଫଳତା ସମ୍ପର୍କରେ ଆଲୋଚନା କରାଯାଇଛି। ମନ୍ତ୍ରୀମାନେ ବିଗତ ଦୁଇବର୍ଷରେ ଉପଲବ୍ଧ କରିଥିବା ବିଭିନ୍ନ ସଫଳତାକୁ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ତୈଳ ସଂକଟ

ବିଶ୍ୱବ୍ୟାପୀ ତୈଳ ସଂକଟ ମଧ୍ୟରେ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ସଚିବସ୍ତରୀୟ ବୈଠକ ପରେ ଭୁବନେଶ୍ୱରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ଗର୍ଗ କହିଛନ୍ତି, ପରିସ୍ଥିତିର ମୁକାବିଲା ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପେଟ୍ରୋଲ-ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ବିଭିନ୍ନ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ କାରକେଡରେ ଗାଡିର ବ୍ୟବହାରକୁ ହ୍ରାସ କରିଛନ୍ତି। ଆଗାମୀ ଦିନରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ନୂତନ ନିର୍ଦ୍ଦେଶ ଜାରି କରିବାକୁ

ଲକ୍ଷ୍ୟ ରଖାଯାଇଛି। ସର୍ବସାଧାରଣ ପରିବହନରେ ଯାତାୟାତ ବାଧ୍ୟତାମୂଳକ ହୋଇପାରେ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି।

## ଏସ୍ଆଇଆର

ରାଜ୍ୟରେ ଜୁଲାଇ ମାସ ପହିଲାରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର ଆରମ୍ଭ ହେବ। ତୃତୀୟ ପର୍ଯ୍ୟାୟ ଏସ୍ଆଇଆର ନେଇ ଆଜି ଭାରତୀୟ ନିର୍ବାଚନ ଆୟୋଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଏହି ପ୍ରକ୍ରିୟା ଆରମ୍ଭ ହେବ। ୩ ଲକ୍ଷ ୯୪ ହଜାର ବୁଥ୍ସ୍ତରୀୟ ଅଧିକାରୀ ଘରକୁ ଘର ଯାଇ ସର୍ଭେ କରିବେ।

## ସୂର୍ଯ୍ୟବଂଶୀ ସୂରଜ

ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଯୋଜନା ଓ ପଦକ୍ଷେପକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି ଉଚ୍ଚଶିକ୍ଷା ଓ କ୍ରୀଡା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। **ଭଦ୍ରକ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଧାମନଗର ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଜନହିତକର ଯୋଜନାଗୁଡ଼ିକୁ ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚାଇବା ସରକାରଙ୍କ ପ୍ରାଥମିକତା। ଶ୍ରୀ ସୂରଜ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ବର୍ଷାଋତୁ ଆସିବା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଧାନଚାଷ, ତୈଳବୀଜ ଫସଲ, ଝୋଟ, ମାଛ, ଛତୁଚାଷ କରି

ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନେ ଅଧିକ ଆତ୍ମନିର୍ଭରଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ।

## ନିତ୍ୟାନନ୍ଦ ଗଣ୍ଡ

ଜାତୀୟ ଶିକ୍ଷାନୀତି ଦେଶରେ ଲାଗୁ ହେବା ପରେ ଉତ୍ତମ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଶିକ୍ଷାକୁ ଅଗ୍ରାଧିକାର ପ୍ରଦାନ କରାଯାଇ ଭିତ୍ତିଭୂମି ସୁଦୃଢ଼ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଆଜି ନବରଙ୍ଗପୁର ଜିଲ୍ଲାସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଆଜିର ଛାତ୍ର ଆସନ୍ତାକାଲିର ସୁନାଗରିକ। ସେମାନେ ବିକଶିତ ଭାରତ-ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରୟାସ କରିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ମୋଟ ୬୯ ଜଣ ସିବିଏସ୍ଇ, ଆଇସିଏସ୍ଇ ଓ ୯ ଜଣ ବିଏସ୍ଇ ବୋର୍ଡର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ରଥ ଚକ ନିର୍ମାଣ

ବିଶ୍ୱପ୍ରସିଦ୍ଧ **ପୁରୀ** ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନି ରଥର ୩୨ଟି ଚକ ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ରଥର ୧୪ଟି ଚକ ମଧ୍ୟରୁ ୯ଟି ଚକ ନିର୍ମାଣ ଶେଷ ହୋଇଥିବାବେଳେ ଦର୍ପଦଳନ ରଥର ୧୦ଟି ଚକ ଏବଂ ନନ୍ଦିଘୋଷ ରଥର ୧୨ଟି ଚକ ନିର୍ମାଣକାର୍ଯ୍ୟ ଶେଷ ହୋଇଛି। ତିନି ରଥର ୪ଟି ଲେଖାଏଁ ମୁହାଁଣ୍ଟି, ଚାରିଟି ଲେଖାଏଁ ନିରାଡି ଏବଂ ୧୨ଟି ଲେଖାଏଁ ଭୂଇଁଖମ୍ବିଗୁଡ଼ିକର ଚଉପଟ କାର୍ଯ୍ୟ ଶେଷ ହେବା ପରେ ୩ ରଥର

ଭୂଇଁ ଚଉତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ରୂପକାର ସେବକମାନେ ତିନି ରଥର ସାଲଗୁଜରେ ନୃସିଂହ ରୂପ ଖୋଦେଇଗୁଡ଼ିକର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି ।

## ସମୀକ୍ଷା

**ଗଞ୍ଜାମ** ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସାଳୟ ପରିସରରେ ନିର୍ମାଣାଧୀନ ଟିକା ଉତ୍ପାଦନ କେନ୍ଦ୍ରର ନୂତନ କୋଠ ନିର୍ମାଣ କାର୍ଯ୍ୟକୁ ପଶୁପାଳନ ଓ ପ୍ରାଣୀଧନ ବିଭାଗର ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ସମୀକ୍ଷା କରିଛନ୍ତି । ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ଦ୍ୱିତୀୟ ପ୍ରାଣୀ ଟିକା ଉତ୍ପାଦନ କେନ୍ଦ୍ର ବ୍ରହ୍ମପୁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ନିର୍ମାଣ କରାଯାଉଛି । ୫୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି କେନ୍ଦ୍ର ଗାଇ, ଛେଳି ଓ ମେଣ୍ଢାଙ୍କ ଭଳି ବିଭିନ୍ନ ପଶୁଙ୍କୁ ସଂକ୍ରାମକ ଓ ବ୍ୟାକ୍‌ଟେରିଆ ଜନିତ ରୋଗର ପ୍ରତିକାର ପାଇଁ ଟିକା ପ୍ରସ୍ତୁତ ହେବ ।

## ସମୀକ୍ଷା ବୈଠକ

**ଢେଙ୍କାନାଳ** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜରୁରିକାଳୀନ ପରିଚାଳନା କେନ୍ଦ୍ର ଦ୍ୱାରା ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରାକୃତିକ ବିପର୍ଯ୍ୟୟ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଣ୍ଟ୍ରୋଲରୁମ୍ କାର୍ଯ୍ୟକାରିତା, ଟେଲି ଯୋଗାଯୋଗ, ଶୁଖିଲା ଖାଦ୍ୟ ମହଜୁଦ, ସୁରକ୍ଷିତ ପାନୀୟ ଜଳଯୋଗାଣ, ଆବଶ୍ୟକ ଔଷଧ ମହଜୁଦ ଆଦି ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ସହରାଞ୍ଚଳରେ ଥିବା ନାଳ

ନର୍ଦ୍ଦମାକୁ ଯଥାଶୀଘ୍ର ସଫା କରି ବର୍ଷା ଜଳ ନିଷ୍କାସନର ସୁବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ହର ଘର ଜଳ

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜଳ ପରିମଳ ମିଶନର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ଶେଷ କରିବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଏଥିସହ ବିଡିଓମାନେ ପ୍ରତ୍ୟେକ ଗ୍ରାମ ତଦାରଖ କରି ବେଆଇନ୍ ଭାବେ ପାଣି ପମ୍ପକୁ ଜବତ କରିବା ସହ ସମୟକ୍ରମେ ପ୍ରତି ଗ୍ରାମରେ 'ହର ଘର ଜଳ ଯୋଜନା'କୁ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

## ସମନ୍ୱୟ କମିଟି ବୈଠକ

**ବୌଦ୍ଧ** ଜିଲ୍ଲାରେ ୧୧ତମ ପଂଚବାର୍ଷିକ କୃଷି ଜନଗଣନାର ତୃତୀୟ ପର୍ଯ୍ୟାୟର ବିଶ୍ଳେଷାତ୍ମକ ତଥ୍ୟ ମଞ୍ଜୁରୀ ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂତନ କୃଷି ଜନଗଣନା ଅନୁସାରେ, ଜିଲ୍ଲାର କୃଷି କ୍ଷେତ୍ରରେ ଗତ କିଛି ବର୍ଷ ମଧ୍ୟରେ ଆଧୁନିକୀକରଣ, ଜଳସେଚନ ବ୍ୟବସ୍ଥା ଓ କୃଷି ଋଣ ପ୍ରାପ୍ତିରେ ଉଲ୍ଲେଖନୀୟ ଅଗ୍ରଗତି ପରିଲକ୍ଷିତ ହୋଇଛି । ଜିଲ୍ଲାରେ କୃଷକମାନଙ୍କ ଆର୍ଥିକ ସଶକ୍ତୀକରଣ ହୋଇଥିବା  ବୈଠକରେ ମତ ପ୍ରକାଶ ପାଇଛି ।

## ଗ୍ରହଣଖଣ୍ଡିଆ

**ଗଞ୍ଜାମ** ଜିଲ୍ଲାର ବିଭିନ୍ନ ବ୍ଲକର ୧୭ ଜଣ ଗ୍ରହଣଖଣ୍ଡିଆ ଶିଶୁଙ୍କ ଅସ୍ତ୍ରୋପଚାର ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପଦକ୍ଷେପ ଗ୍ରହଣ କରିଛି। ସମସ୍ତ ଶିଶୁଙ୍କ ଚିକିତ୍ସା ମାଗଣାରେ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି।

# ମୌସୁମୀ ବାୟୁ-ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ମୌସୁମୀ ବାୟୁ ଆସନ୍ତା ଶନିବାର ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ସମେତ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ରହିଛି । ଅପରପକ୍ଷରେ ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରୁ ତାପମାତ୍ରା ହ୍ରାସ ପାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।